ଗ୍ରାମୀଣ କୃଷି ମୌଷମ ସେବା
ମଧ୍ୟ କେନ୍ଦ୍ରୀୟ ମାଳଭୂମି ଅଞ୍ଚଳ
ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
ଆଞ୍ଚଳିକ କୃଷି ଗବେଷଣା ଓ ପ୍ରଯୁକ୍ତି ବିଦ୍ୟା ପ୍ରଦାନ କେନ୍ଦ୍ର
ମହିଷାପାଟ, ଢେଙ୍କାନାଳ- ୭୫୯ ୦୦୧

ସପ୍ତାହ ସଂଖ୍ୟା .୧୧

ଡ. ମହମ୍ମଦ ଅବଦୁଲ ଅଲିମ
ଟେକନିକାଲ ଅଫିସର

ବୁଲେଟିନ ନମ୍ବର : ୩୭
ତାରିଖ : ୧୨ ।୦୩ ।୨୦୧୮
(ମଙ୍ଗଳବାର)

## ଅନୁଗୁଳ ଜିଲ୍ଲା

### ଗତ ସପ୍ତାହ ର ପାଣିପାଗ ସମ୍ବନ୍ଧୀୟ ସୂଚନା (୦୭ .୦୩ .୨୦୧୮ ରୁ ୧୩ .୦୩.୨୦୧୮)

| | |
|---|---|
| ବୃଷ୍ଟିପାତ (ମି.ମି.) | 0 |
| ସର୍ବାଧିକ ତାପମାତ୍ରା (ଡିଗ୍ରୀ ସେଲସିୟସ) | ୩୬-୩୮ |
| ସର୍ବନିମ୍ନ ତାପମାତ୍ରା (ଡିଗ୍ରୀ ସେଲସିୟସ) | ୧୭-୨୧ |

### ଆଞ୍ଚଳିକ ପାଣିପାଗ କେନ୍ଦ୍ର, ଭୁବନେଶ୍ୱର ଅନୁଯାୟୀ ଅଗ୍ରୀମ ସୂଚନା

| | ୧୪.୦୩.୨୦୧୮ | ୧୫.୦୩.୨୦୧୮ | ୧୬.୦୩.୨୦୧୮ | ୧୭.୦୩.୨୦୧୮ | ୧୮.୦୩.୨୦୧୮ |
|---|---|---|---|---|---|
| ବୃଷ୍ଟିପାତ (ମି.ମି.) | ୦ | ୦ | ୦ | 7 | ୫ |
| ସର୍ବାଧିକ ତାପମାତ୍ରା (ଡି. ସେ.) | ୩୯ | ୩୭ | ୩୫ | ୩୫ | ୩୬ |
| ସର୍ବନିମ୍ନ ତାପମାତ୍ରା (ଡି. ସେ.) | ୧୯ | ୧୯ | ୧୬ | ୧୭ | ୧୮ |
| ସର୍ବମୋଟ ମେଘାଛାନ୍ନତା(ଅକ୍ଟା) | ୦ | ୦ | ୨ | ୭ | ୩ |
| ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା (%) | ୫୭ | ୭୧ | ୪୪ | ୮୧ | ୮୭ |
| ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା (%) | ୮ | ୬ | ୧୦ | ୨୪ | ୩୦ |
| ପବନ ର ବେଗ (କି.ମି./ଘ.) | ୪ | ୪ | ୭ | ୩ | ୨ |
| ପବନ ର ଦିଗ | ଦ.ପ. | ଦ.ପ. | ଦ.ପ. | ଦ.ପୂ . | ଦ.ପୂ . |

### ପାଣିପାଗ ଭିତ୍ତିକ କୃଷି ଉପଦେଶ

- ପାଣିପାଗ ଭିତ୍ତିକ ସୂଚନା ଅନୁସାରେ ଜିଲ୍ଲାର ଅଧିକାଂଶ ମୃତ୍ତିକା ସାମାନ୍ଯ ଶୁଖିଲା ଥିବାର ଜଣା ଯାଇଛି।
- ମାଟିର ଅରଦ୍ରତା ଓ ଫସଲର ଆବଶ୍ୟକତା ଅନୁଯାଇ ଜଳସେଚନ କରନ୍ତୁ ।
- ମାଟି ପରୀକ୍ଷା ବିବରଣୀ ବା ତଥ୍ୟ ମୁତାବକ ମାଟି ରେ ସାର ପ୍ରୟୋଗ କରନ୍ତୁ ।
- ରୋଗ ପୋକରୁ ରକ୍ଷା କରିବା ପାଇଁ କୀଟନାଶକ ରେ ଅଠା ମିଶାଇ ସିଂଚନ କରନ୍ତୁ ।
- ଆମ୍ବ : ତାପମାତ୍ରା ବୃଦ୍ଧି ଯୋଗୁଁ ଆମ୍ବ ଫୁଲ ଓ ଆମ୍ବ କଷି ସୁଖୀ ଝଡି ଯିବାର ଆଶଙ୍କା ଅଛି। ଆମ୍ବ ଗଛରେ ସାଧା ପାଣି ସିଂଚନ କରନ୍ତୁ।

**ପନିପରିବା:**

- ବର୍ତମାନ ପାଗ ରେ ଅଷ୍ଟପଦୀ ପୋକ ଦେଖା ଦେଇ ଥାଏ, ଦମନ ପାଇଁ ୧ ଲିଟର ପାଣିରେ ୨ ମି.ଲି. ପ୍ରୋଫେନୋଫୋସ ମିଶାଇ ସିଂଚନ କରନ୍ତୁ ।
- ଶିମ୍ବ ଓ ସୋରିଷ ଫସଲରେ ଜଉ ପୋକର ପ୍ରାଦୁର୍ଭାବ ଅଧିକ , ପ୍ରତିକାର ସ୍ୱରୂପ ୧ ଲି. ପାଣିରେ ୫ ମି. ଲି. ନିମ୍ବ ତେଲ (୫୦୦ ppm) ମିଶାଇ ସିଂଚନ କରନ୍ତୁ ।
- ବନ୍ଧାକୋବି ଓ ଫୁଲକୋବି ରେ ଶୋଷକ ପୋକରୁ ରକ୍ଷା କରିବା ପାଇଁ ଫ୍ଲୋନିକାମିଡ ଏକର ପିଛା ୧୨୦ ଗ୍ରା. ଔଷଧ ସିଂଚନ କରନ୍ତୁ ।

**ମୁଗବିରି :**

- ମୁଗ ଓ ବିରି ରେ ପାଉଁସିଆ ରୋଗକୁ ରୋକିବା ପାଇଁ ୧ ଲି. ପାଣିରେ ୫ ଗ୍ରା. Sulfex ଔଷଧ ମିଶାଇ ସିଂଚନ କରନ୍ତୁ ।
- ପାକଳ ଫସଲକୁ ଯଥା ଶୀଘ୍ର ଅମଳ କରନ୍ତୁ, କାରଣ ବଢୁଥିବା ତାପମାତ୍ରା ଯୋଗୁଁ ଛୁଇ ଫାଟି ବିଲରେ ମଞ୍ଜି ପଡିଯିବାର ଆଶଙ୍କା ଥାଏ ।

**ପଶୁସମ୍ପଦ:**

- ତାପମାତ୍ରା ବୃଦ୍ଧି ହେତୁ ପର୍ଯ୍ୟାପ୍ତ ପରିମାଣର ପରିଷ୍କାର ପିଇବା ପାଣିର ବ୍ୟବସ୍ଥା କରନ୍ତୁ ।
- ଦିନର ଅତ୍ୟଧିକ ଖରା ସମୟରେ ଖୋଲାରେ ଚରିବା କୁ ଦିଅନ୍ତୁ ନହିଁ ।
- କୁକୁଡା ଭାଡିକୁ ଅଖା ଦ୍ୱାରା ଘୋଡାଇ ପାଣି ସିଂଚନ କରନ୍ତୁ ।
- କୁକୁଡା ଖାଦ୍ୟ ର ପରିମାଣ ଧୀରେ ଧୀରେ କମ କରନ୍ତୁ ।

**ମାଛ ଚାଷ:**

- ଯେଉଁ ପୋଖରୀରେ ୩-୪ ଫୁଟ ପାଣି ରଖିବା ସମ୍ଭବ ନୁହେଁ ସେଥିରୁ ଯଥାଶୀଘ୍ର ମାଛ ମାରିନିଅନ୍ତୁ ।
- ଯେଉଁ ପୋଖରୀରେ ୪-୫ ଫୁଟ ପାଣି ରହିବ ସେଥିରୁ ୬୦୦ ଗ୍ରାମ ଉପରକୁ ଥିବା ମାଛ ଧରି ନିଅନ୍ତୁ।
- ତାପମାତ୍ରା ବଢିବା ଦ୍ୱାରା ମଚ୍ଛମାନଙ୍କର ଖାଦ୍ୟ କମ କରି ଦିଅନ୍ତୁ ।

ଉପରୋକ୍ତ ଉପଦେଶ ପ୍ରାପ୍ତ ସୂଚନା ଉପରେ ଆଧାରିତ ।

କୃଷି ଭିତ୍ତିକ କୌଣସି ସମସ୍ୟା ପାଇଁ ଦେୟମୁକ୍ତ ନମ୍ବର ୧୮୦୦ ୧୮୦ ୧୫୫୧ ସହିତ ସମ୍ପର୍କ କରନ୍ତୁ।